# NATIONAL NEWS BULLETIN (ODIA)

**12 November - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଯୁଦ୍ଧ ଏବଂ ସୁରକ୍ଷା ବିପଦର ଫଳପ୍ରଦ ମୁକାବିଲା ପାଇଁ ଅନୁକୂଳ ପ୍ରତିରକ୍ଷା ରଣନୀତି ଉପରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କ ଗୁରୁତ୍ୱାରୋପ ।

- ଭାରତ ଓ ରୁଷ୍ ୨୦୩୦ ପୂର୍ବରୁ ୧୦୦ ବିଲିୟନ ଡଲାର ବାଣିଜ୍ୟ ଲକ୍ଷ୍ୟ ହାସଲ କରିବେ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ସୂଚନା ।

- ୨୦୪୭ ସୁଦ୍ଧା ବିକଶିତ ଭାରତ ସ୍ୱପ୍ନ ହାସଲ ପାଇଁ ଶିକ୍ଷା ହେଉଛି ଏକମାତ୍ର ଉପାୟ ବୋଲି କହିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

- ଝାଡ଼ଖଣ୍ଡ ବିଧାନସଭା ପାଇଁ ପ୍ରଥମପର୍ଯ୍ୟାୟ ମତଦାନ ଆସନ୍ତାକାଲି ।

ଏବଂ

- ଆଜି ପାଳନ କରାଯାଉଛି ଲୋକସେବା ପ୍ରସାରଣ ଦିବସ ।

## ରାଜନାଥ ଦିଲ୍ଲୀ ଡାଇଲଗ

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଯୁଦ୍ଧ ଏବଂ ସୁରକ୍ଷା ବିପଦର ପରିବର୍ତ୍ତିତ ଗତିଶୀଳତାକୁ ଫଳପ୍ରଦ ଭାବେ ମୁକାବିଲା କରିବା ପାଇଁ ଅନୁକୂଳ ପ୍ରତିରକ୍ଷା ରଣନୀତି ଉପରେ ଗୁରୁତ୍ୱାରୋପ କରିଛନ୍ତି । ଆଜି ନୂଆଦିଲ୍ଲୀରେ ଦିଲ୍ଲୀ ପ୍ରତିରକ୍ଷା ବାର୍ତ୍ତାଳାପର ଉଦ୍‌ଘାଟନୀ ସମାରୋହରେ ଉଦ୍‌ବୋଧନ ଦେଇ ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି, ଅନୁକୂଳ ପ୍ରତିରକ୍ଷା କେବଳ ଏକ ରଣନୈତିକ ପସନ୍ଦ ନୁହେଁ ବରଂ ଏକ ଆବଶ୍ୟକତା । ସେ କହିଛନ୍ତି ଦେଶର ଅନୁକୂଳ ପ୍ରତିରକ୍ଷା ଦୃଷ୍ଟିକୋଣ ନମନୀୟତା ଏବଂ ନବସୃଜନ ଉପରେ ଆଧାରିତ ହେବା ଆବଶ୍ୟକ । ଦେଶ ଭବିଷ୍ୟତର ସମସ୍ତ ଆକସ୍ମିକ ପରିସ୍ଥିତି ପାଇଁ ପ୍ରସ୍ତୁତ ରହିବା ଜରୁରୀ ବୋଲି ଶ୍ରୀ ସିଂହ କହିଛନ୍ତି ।

## ଇଣ୍ଡିଆ-ରୁଷ୍ ଆଜିସି

ଧାର୍ଯ୍ୟ ସମୟସୀମା ୨୦୩୦ ପୂର୍ବରୁ ଭାରତ ଓ ରୁଷ୍ ୧୦୦ ବିଲିୟନ ଡଲାରର ବାଣିଜ୍ୟ ଲକ୍ଷ୍ୟ ହାସଲ କରିବେ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଆଶାବ୍ୟକ୍ତ କରିଛନ୍ତି । ଆଜି ନୂଆଦିଲ୍ଲୀଠାରେ ବାଣିଜ୍ୟ, ଆର୍ଥିକ, ବୈଜ୍ଞାନିକ, ବୈଷୟିକ ଏବଂ

ସାଂସ୍କୃତିକ ସହଯୋଗ ଉପରେ ଭାରତ-ରୁଷ୍ ଆନ୍ତଃ ସରକାରୀ ଆୟୋଗର ୨୫ତମ ଅଧିବେଶନରେ ଯୋଗଦେଇ ଡକ୍ଟର ଜୟଶଙ୍କର କହିଛନ୍ତି ରୁଷ୍ ଭାରତ ପାଇଁ ସାର କ୍ଷେତ୍ରରେ ଏକ ପ୍ରମୁଖ ଉତ୍ସ ଭାବେ ଉଭା ହୋଇଛି । ଭାରତକୁ ଅଶୋଧିତ ତୈଳ, କୋଇଲା ଏବଂ ୟୁରାନିୟମ ଯୋଗାଣ କ୍ଷେତ୍ରରେ ରୁଷ୍‌ର ଅବଦାନ ବାସ୍ତବରେ ଗୁରୁତ୍ୱପୂର୍ଣ୍ଣ । ସେହିପରି ଭାରତର ଔଷଧ ଉଦ୍ୟୋଗ ରୁଷ୍ ପାଇଁ ଏକ ସୁଲଭ ଏବଂ ବିଶ୍ୱସନୀୟ ଉତ୍ସ ପାଲଟିଛି । ଜୟଶଙ୍କର କହିଛନ୍ତି ବାଣିଜ୍ୟିକ କାରବାର ଦେୟ ଏବଂ ଲଜିଷ୍ଟିକ କ୍ଷେତ୍ରରେ ଅଗ୍ରଗତି ଘଟିଥିଲେ ହେଁ ଏବେବି ଅନେକ ଆହ୍ୱାନ ରହିଛି । ଅନ୍ତର୍ଜାତୀୟ ଉତ୍ତର-ଦକ୍ଷିଣ ପରିବହନ କରିଡର, ଚେନ୍ନାଇ-ଭ୍ଲାଡିଭୋଷ୍ଟକ କରିଡର ଏବଂ ଉତ୍ତର ସାମୁଦ୍ରିକ ମାର୍ଗ ଭଳି ସଂଯୋଗୀକରଣ କ୍ଷେତ୍ରରେ ଭାରତ-ରୁଷ୍‌ର ମିଳିତ ପ୍ରୟାସ ଜରି ରହିବା ଆବଶ୍ୟକ ବୋଲି ଶ୍ରୀ ଜୟଶଙ୍କର ଗୁରୁତ୍ୱାରୋପ କରିଛନ୍ତି ।

## ପ୍ରଧାନ-ଏଜୁକେସନ୍ ୱାର୍କସପ୍

୨୦୪୭ ସୁଦ୍ଧା ବିକଶିତ ରାଷ୍ଟ୍ର ହେବାର ସ୍ୱପ୍ନକୁ ହାସଲ କରିବା ପାଇଁ ଶିକ୍ଷା ହେଉଛି ଏକମାତ୍ର ଉପାୟ । ନୂଆଦିଲ୍ଲୀରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସଚିବଙ୍କ ସହ ଉଚ୍ଚ ଓ ବୈଷୟିକ ଶିକ୍ଷା ଉପରେ ଦୁଇ ଦିନିଆ ଜାତୀୟ କର୍ମଶାଳାକୁ ସମ୍ବୋଧିତ କରି ଉଚ୍ଚଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି । କର୍ମଶାଳାକୁ ଉଦ୍‌ଘାଟନ କରି ଶ୍ରୀ ପ୍ରଧାନ ଶିକ୍ଷା

କ୍ଷେତ୍ରରେ ଭିତ୍ତିଭୂମି, ନେତୃତ୍ୱ, ପାଠ୍ୟକ୍ରମ, ବହୁବିଷୟକ ଗବେଷଣା ଏବଂ କ୍ୟାମ୍ପସ ଜୀବନ ଭଳି ୫ଟି ପ୍ରମୁଖ ଦିଗ ଉପରେ ଗୁରୁତ୍ୱାରୋପ କରିଛନ୍ତି ।

ଏହି କର୍ମଶାଳା ରାଜ୍ୟ ଅନୁଷ୍ଠାନଗୁଡ଼ିକରେ ନୂଆ ଶିକ୍ଷାନୀତିକୁ ଗ୍ରହଣ କରିବାକୁ ପ୍ରୋତ୍ସାହିତ କରିବା ସହ ସମଗ୍ର ଦେଶରେ ଅଧିକ ସୁଦୃଢ଼, ସମାବେଶୀ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଶିକ୍ଷା ବ୍ୟବସ୍ଥା ପାଇଁ ମାର୍ଗ ପ୍ରଶସ୍ତ କରିବ।

ଏହି ଦୁଇ ଦିନିଆ କର୍ମଶାଳାରେ ଜାତୀୟ ଶିକ୍ଷା ନୀତି ୨୦୨୦ର କାର୍ଯ୍ୟକାରିତା, ଆହ୍ୱାନ ଏବଂ ରୋଡମ୍ୟାପ୍ ଭଳି ବିଷୟବସ୍ତୁ ଉପରେ ୧୪ଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହେବ।

## ଝାଡ଼ଖଣ୍ଡ ଇଲେକ୍‌ସନ୍

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତାକାଲି ଏହି ପର୍ଯ୍ୟାୟରେ ୪୩ଟି ଆସନରେ ମତଦାନ ହେବ।

ପୋଲିଂ ପାର୍ଟିଗୁଡ଼ିକୁ ବିଭିନ୍ନ ଭୋଟ୍ ଗ୍ରହଣ କେନ୍ଦ୍ରକୁ ପଠାଯିବା କାର୍ଯ୍ୟ ଆରମ୍ଭ ହୋଇଛି । ଭାରତୀୟ ବାୟୁସେନା ହେଲିକପ୍ଟର ଜରିଆରେ ଗତକାଲି ୨୨୫ଟି ସମ୍ବେଦନଶୀଳ ବୁଥ୍ ମଧ୍ୟରୁ ୧୯୪ଟି ବୁଥରେ ପୋଲିଂ ପାର୍ଟି ପହଞ୍ଚିସାରିଥିବା ବେଳେ ଅବଶିଷ୍ଟ ୩୦ଟି ବୁଥ୍‌ର ପୋଲିଂ ଅଫିସରଙ୍କୁ ଆଜି ପଠାଯାଉଛି। ପଶ୍ଚିମ ସିଂହଭୂମ, ଲାତେହାର, ଲୋହରଦଗା, ଗଡ଼ୱା

ଓ ଗୁମଲା ଜିଲ୍ଲାର ୫ଟି ଜିଲ୍ଲାରେ ଏହି ସମ୍ବେଦନଶୀଳ ବୁଥ୍ ରହିଛି। ସମଗ୍ର ରାଜ୍ୟରେ ମୋଟ ୧୫ ହଜାର ୩୪୪ଟି ମତଦାନ କେନ୍ଦ୍ର କରାଯାଇଛି। ଅବାଧ ନିର୍ବାଚନ ପାଇଁ ସମ୍ପୃକ୍ତ ଅଞ୍ଚଳରେ ୨୦୦ରୁ ଅଧିକ ସୁରକ୍ଷା ବଳ ମୁତୟନ କରାଯାଇଛି। ୭୩ ଜଣ ମହିଳାଙ୍କ ସମେତ ୬୮୩ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି । ୧ କୋଟି ୩୭ ଲକ୍ଷରୁ ଅଧିକ ଭୋଟର ଆସନ୍ତାକାଲି ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନରେ ମତଦାନ କରିବେ । ଚଳିତ ମାସ ୨୦ ତାରିଖରେ ୩୮ଟି ନିର୍ବାଚନ ମଣ୍ଡଳୀରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ହେବ। ନଭେମ୍ବର ୨୩ ତାରିଖରେ ସମସ୍ତ ପର୍ଯ୍ୟାୟର ଭୋଟ୍ ଗଣତି କରାଯିବ ।

## ବାଇପୋଲ୍ସ କ୍ୟାମ୍ପେନ୍

୧୧ଟି ରାଜ୍ୟ ଏବଂ ୩୩ଟି ବିଧାନସଭା ଆସନ ଓ କେରଳର ଓ୍ୱାୟନାଡ଼ ଲୋକସଭା ଆସନ ଉପ ନିର୍ବାଚନ ପାଇଁ ଗତ ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଛି। ଆସନ୍ତାକାଲି ସେଠାରେ ମତଗ୍ରହଣ କରାଯିବ। ସେଥିମଧ୍ୟରେ ରାଜସ୍ଥାନର ୭ଟି, ପଶ୍ଚିମବଙ୍ଗର ୬, ଆସାମର ୫, ବିହାରର ୪, କର୍ଣ୍ଣାଟକର ୩, ମଧ୍ୟପ୍ରଦେଶ ଏବଂ ସିକ୍କିମର ୨ଟି ଲେଖାଏଁ ଆସନ ରହିଛି। ଏହା ବ୍ୟତୀତ କେରଳ, ଛତିଶଗଡ଼, ଗୁଜୁରାଟ ଓ ମେଘାଳୟର ଗୋଟିଏ ଲେଖାଏଁ ବିଧାନସଭା ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ।

ମହାରାଷ୍ଟ୍ରର ନାନ୍ଦେଡ଼ ସଂସଦୀୟ କ୍ଷେତ୍ର ସମେତ ୧୫ଟି ବିଧାନସଭା ଆସନ ପାଇଁ ଆସନ୍ତା ୨୦ ତାରିଖରେ ମତ ନିଆଯିବ। ସେଥିମଧ୍ୟରେ ଉତ୍ତର ପ୍ରଦେଶର ୯, ପଞ୍ଜାବର ୪, କେରଳ ଏବଂ ଉତ୍ତରାଖଣ୍ଡର ଗୋଟିଏ ଲେଖାଏଁ ଆସନ ପାଇଁ ଭୋଟ୍‌ଗ୍ରହଣ କରାଯିବ। ଆସନ୍ତା ୨୩ ତାରିଖରେ ସମସ୍ତ ପର୍ଯ୍ୟାୟ ଭୋଟ୍‌ଗଣତି ସହ ଫଳାଫଳ ଘୋଷଣା କରାଯିବ।

## କେରଳ-ବାଇପୋଲ

କେରଳର ଓ୍ୱାଏନାଡ ଲୋକସଭା ଆସନ ଏବଂ ଚେଲକାରା ସଂରକ୍ଷିତ ବିଧାନସଭା ଆସନ ପାଇଁ ଆସନ୍ତାକାଲି ଉପନିର୍ବାଚନ କରାଯିବ । ଏଥିପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବାବେଳେ ଆଜି ଉଭୟ ନିର୍ବାଚନମଣ୍ଡଳୀରେ ମତଦାନ କେନ୍ଦ୍ରଗୁଡ଼ିକୁ ନିର୍ବାଚନ ସାମଗ୍ରୀ ପଠାଯାଉଛି । ଓ୍ୱାଏନାଡରେ ୟୁନାଇଟେଡ ଡେମୋକ୍ରାଟିକ ଫ୍ରଣ୍ଟ ବ୍ୟାନରରେ ନିର୍ବାଚନ ଲଢୁଥିବା କଂଗ୍ରେସର ପ୍ରିୟଙ୍କା ଗାନ୍ଧୀଙ୍କ ବିପକ୍ଷରେ ବାମ ଗଣତାନ୍ତ୍ରିକ ଫ୍ରଣ୍ଟ ସିପିଆଇର ସତ୍ୟନ ମୋକେରି ଏବଂ ଏନ୍‌ଡିଏ ବ୍ୟାନରରେ ବିଜେପିର ନବ୍ୟା ହରିଦାସ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ସୂଚନାଯୋଗ୍ୟ ଗତ ସାଧାରଣ ନିର୍ବାଚନରେ ରାହୁଲ ଗାନ୍ଧୀ ଉଭୟ ଓ୍ୱାଏନାଡ ଏବଂ ରାୟବରେଲି ଆସନରୁ ବିଜୟୀ ହେବା ପରେ ଓ୍ୱାଏନାଡ ଆସନ ଛାଡିଥିଲେ ।

ସେହିପରି ଗତ ସାଧାରଣ ନିର୍ବାଚନରେ ପୂର୍ବତନ ରାଜ୍ୟ ମନ୍ତ୍ରୀ କେ. ରାଧାକ୍ରିଷ୍ଣନ ଆଲାଥୋ ଏବଂ ଚେଲକାରା ବିଧାନସଭା ଆସନରୁ ବିଜୟୀ ହେବା ପରେ ଚେଲକାରା ଆସନ ଛାଡିଥିଲେ । ଏହି ଆସନ ପାଇଁ ୬ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଏହି ନିର୍ବାଚନ ମଣ୍ଡଳୀର ୧୪ଟି ମତଦାନ କେନ୍ଦ୍ରକୁ ସମ୍ବେଦନଶୀଳ ଘୋଷଣା କରାଯାଇଛି ।

## ଇଣ୍ଡିଆନ୍ ଫିସରମ୍ୟାନ୍ ଆରେଷ୍ଟ

ଅନ୍ତର୍ଜାତୀୟ ଜଳସୀମାରେ ଅନଧିକାର ପ୍ରବେଶ କରି ମାଛ ଧରୁଥିବା ଅଭିଯୋଗରେ ୧୨ଜଣ ଭାରତୀୟ ମତ୍ସ୍ୟଜୀବୀଙ୍କୁ ଶ୍ରୀଲଙ୍କା ନୌସେନା ଗିରଫ କରିଛି । ନାଗାପଟିନମ୍ ଜିଲ୍ଲାର ଅକାରାଇ ପେଟାଇର ଏହି ମତ୍ସ୍ୟଜୀବୀମାନେ ମୁଲାଇତିଭୁ ନିକଟରେ ଆଜି ସକାଳେ ଏକ ଡଙ୍ଗାରେ ଯାଇ ମାଛ ଧରୁଥିବାବେଳେ ଶ୍ରୀଲଙ୍କାର ନୌସେନା ଡଙ୍ଗାଟିକୁ ଜବତ କରିଥିଲା । ମତ୍ସ୍ୟଜୀବୀମାନଙ୍କୁ ପଚରାଉଚରା ପାଇଁ ନୌସେନା କର୍ମଚାରୀମାନେ ମାଟିଲାଟି ବନ୍ଦରକୁ ନେଇଥିଲେ । ପରେ ସେମାନଙ୍କୁ ଜାଫନା ଜେଲ୍‌କୁ ପଠାଇ ଦିଆଯାଇଛି । ସେମାନଙ୍କୁ ବିଚାର ପାଇଁ କୋର୍ଟରେ ହାଜର କରାଯିବ ବୋଲି ଶ୍ରୀଲଙ୍କା ନୌସେନା ପକ୍ଷରୁ କୁହାଯାଇଛି ।

## ଜେକେ-ଗନ୍‌ଫାଇଟ୍

ଉତ୍ତରକାଶ୍ମୀରର ବାନ୍ଦିପୁରା ଜିଲ୍ଲାରେ ଆଜି ସକାଳେ ସୁରକ୍ଷା ବାହିନୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଛି । ସାମାଜିକ ଗଣମାଧ୍ୟମ ଏକ୍ସରେ ସୂଚନା ଦେଇ ଶ୍ରୀନଗରସ୍ଥିତ ଚୀନାର ସାମରିକ ମୁଖପାତ୍ର କହିଛନ୍ତି, ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ନିର୍ଦ୍ଦିଷ୍ଟ ଗୁଇନ୍ଦା ସୂଚନା ଆଧାରରେ ଜିଲ୍ଲାର ନାଗମାର୍ଗର ଜଙ୍ଗଲ ଅଞ୍ଚଳରେ ସେନା ଏବଂ ଜାମ୍ମୁକାଶ୍ମୀର ପୋଲିସ ଦ୍ୱାରା ଏକ ମିଳିତ ଚଢ଼଼ଉ କରାଯାଇଥିଲା । ସୁରକ୍ଷାକର୍ମୀମାନେ ସନ୍ଦିଗ୍ଧ ସ୍ଥାନରେ ପହଞ୍ଚିବା ମାତ୍ରେ ଆତଙ୍କବାଦୀମାନେ ଅତର୍କିତ ଗୁଳିଚାଳନା କରିଥିଲେ । ଏହାର ଜବାବରେ ସୁରକ୍ଷାକର୍ମୀମାନେ ଗୁଳିଚାଳନା କରିଥିଲେ । ଏହି ଏନ୍‌କାଉଣ୍ଟରରେ କୌଣସି ପକ୍ଷର କ୍ଷୟକ୍ଷତି ହୋଇଥିବାର ସୂଚନା ମିଳିନାହିଁ । ସର୍ଚ୍ଚ ଅପରେସନ ଜାରି ରହିଛି ।

## ପବ୍ଲିକ ସର୍ଭିସ ବ୍ରଡକାଷ୍ଟିଂ ଡେ

ଲୋକସେବା ପ୍ରସାରଣ ଦିବସ ଆଜି ପାଳନ କରାଯାଉଛି । ୧୯୪୭ ମସିହାରେ ଦିଲ୍ଲୀର ଆକାଶବାଣୀ ଷ୍ଟୁଡିଓକୁ ମହାତ୍ମା ଗାନ୍ଧୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଉଛି । ଦେଶ ବିଭାଜନ ପରେ ହରିୟାଣାର କୁରୁକ୍ଷେତ୍ରରେ

ଅସ୍ଥାୟୀଭାବେ ବସବାସ କରୁଥିବା ବିସ୍ଥାପିତ ଲୋକମାନଙ୍କୁ ସିଧାସଳଖ ସାକ୍ଷାତ କରିନପାରି ଜାତିର ଜନକ ମହାତ୍ମା ଗାନ୍ଧୀ ଏହି ଦିନ ଦିଲ୍ଲୀ ଆକାଶବାଣୀ କେନ୍ଦ୍ରରୁ ରେଡ଼ିଓ ବାର୍ତ୍ତା ମାଧ୍ୟମରେ ସମ୍ବୋଧିତ କରିଥିଲେ ।

## ତେଲେଙ୍ଗାନା ସିଏମ୍-ଏସ୍‌ମା

ଧାନ ସଂଗ୍ରହ ବେଳେ କୃଷକମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ନିର୍ଦ୍ଦେଶ ଦେଇଛନ୍ତି । ଆବଶ୍ୟକ ପଡିଲେ ମିଲ୍ ମାଲିକଙ୍କ ବିରୁଦ୍ଧରେ ଅତ୍ୟାବଶ୍ୟକ ସେବା ରକ୍ଷଣାବେକ୍ଷଣ ଆଇନ୍-ଏସ୍‌ମା ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ କହିଛନ୍ତି । ସମଗ୍ର ରାଜ୍ୟରେ ଧାନର ସହଜ କ୍ରୟ ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳମାନେ ଉପଯୁକ୍ତ ପଦକ୍ଷେପ ନେବା ଉଚତ୍ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ୟୁପିପିଏସ୍‌ସି ଏକ୍ସାମ

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ରାଜ୍ୟରେ ପରୀକ୍ଷାର୍ଥୀଙ୍କ ସୁବିଧା ଏବଂ ପରୀକ୍ଷାର ପବିତ୍ରତାକୁ ପ୍ରାଥମିକତା ଦିଆଯାଇଛି ବୋଲି ଉତ୍ତରପ୍ରଦେଶ ଲୋକସେବା ଆୟୋଗ କହିଛନ୍ତି । ରାଜ୍ୟ ପ୍ରଶାସନର ବିଭିନ୍ନ ବିଭାଗ ପାଇଁ ହେଉଥିବା ପ୍ରିଲିମନାରୀ ପରୀକ୍ଷାକୁ ବିଭିନ୍ନ ତାରିଖରେ ଏବଂ ଏକାଧିକ ସିଟ୍‌ରେ କରାଯିବା ନିଷ୍ପତ୍ତି ବିରୋଧରେ ଗତକାଲି

ପ୍ରୟାଗରାଜସ୍ଥିତ ଆୟୋଗର ମୁଖ୍ୟାଳୟ ସମ୍ମୁଖରେ ୟୁପିପିଏସ୍‌ସି ଆଶାୟୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହା ଉପରେ ସ୍ପଷ୍ଟୀକରଣ ରଖି ଆୟୋଗ କହିଛନ୍ତି ଯେଉଁଠାରେ ୫ଲକ୍ଷରୁ ଅଧିକ ପ୍ରାର୍ଥୀ ଅଛନ୍ତି, ସେଠାରେ ଏକାଧିକ ସିଟ୍‌ରେ ପରୀକ୍ଷା ପରିଚାଳନା ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି ।

ସୂଚନାଯୋଗ୍ୟ ଗତ ଫେବୃୟାରୀରେ ହୋଇଥିବା ରାଜସ୍ୱ ଅଧିକାରୀ ପ୍ରିଲିମନାରୀ ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗ ଆସିବାରୁ ରାଜ୍ୟ ସରକାର ଏହାକୁ ବାତିଲ କରିଦେଇଥିଲେ ।

## ଜେକେ-ସ୍ନୋଫଲ

ଜାମ୍ମୁକାଶ୍ମୀରରେ ସାନି ତୁଷାରପାତ ଯୋଗୁଁ ଦକ୍ଷିଣ କାଶ୍ମୀରକୁ ପୀର୍ ପଞ୍ଜାଲ ଅଞ୍ଚଳର ରାଜୌରୀ ଏବଂ ପୁଞ୍ଛ ଜିଲ୍ଲା ସହିତ ସଂଯୋଗ କରୁଥିବା ମୋଗଲ ରୋଡ ଏବଂ ବାନ୍ଦିପୁରା ଗୁରେଜ ରାସ୍ତାକୁ ଅସ୍ଥାୟୀ ଭାବେ ବନ୍ଦ କରିଦିଆଯାଇଛି । ଟ୍ରାଫିକ ବିଭାଗର ଜନୈକ ଅଧିକାରୀ ଆକାଶବାଣୀକୁ ସୂଚନା ଦେଇ କହିଛନ୍ତି ଗତକାଲି ତୁଷାରପାତ ଯୋଗୁଁ ସୋନମାର୍ଗ-କାରଗିଲ ଜାତୀୟ ରାଜପଥକୁ ବନ୍ଦ କରାଯାଇଛି । ତେବେ ଶ୍ରୀନଗର-ଜାମ୍ମୁ ଜାତୀୟ ରାଜପଥ ଉଭୟପାର୍ଶ୍ୱରୁ ଖୋଲା ରହିଛି । ରାଜପଥରେ ଯାନବାହନ ଚଳାଚଳ ସୁଗମ କରିବା ପାଇଁ ଜମିରହିଥିବା ବରଫ

ନିଷ୍କାସନର ବ୍ୟବସ୍ଥା କରାଯାଉଛି । ତେବେ ଯାତ୍ରା ସମୟରେ ତୁଷାରପାତ ଜନିତ ଦୁର୍ଘଟଣା ଏଡାଇବା ପାଇଁ ଟ୍ରାଫିକ ନିୟମ ପାଳନ କରିବାକୁ ଯାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଛି ।

## ୟୁଏଇ-ଟିବିଆଇ

କୃଷକମାନଙ୍କ ଆୟବୃଦ୍ଧି ପାଇଁ ଅଣନିର୍ମିତ ଭାରତୀୟ ତମାଖୁ ବ୍ରାଣ୍ଡିଂ ଉପରେ ଭାରତୀୟ ତମାଖୁ ବୋର୍ଡ-ଟିବିଆଇ ଗୁରୁତ୍ୱ ଦେଇଛି । ବିଶ୍ୱ ତମାଖୁ ରପ୍ତାନୀକାରୀଙ୍କ ଏକ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେଇ ଭାରତ ମଧ୍ୟପ୍ରାଚ୍ୟ ବଜାରରେ ତମାଖୁ କାରବାର ବୃଦ୍ଧି ପାଇଁ ରଣନୈତିକ କୌଶଳ ଆପଣାଇଛି । ସୂଚନାଯୋଗ୍ୟ ୟୁଏଇ ହେଉଛି ତମାଖୁର ଏକ ପ୍ରାଥମିକ ରପ୍ତାନୀ ଗନ୍ତବ୍ୟ ସ୍ଥଳ । ଉଭୟ କୃଷକ ଏବଂ ଭାରତରେ ବ୍ୟାପକ ତମାଖୁ ଶିଳ୍ପକୁ ସମର୍ଥନ କରିବାରେ ଟିବିଆଇ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ।